# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**20 May - 2026**

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ପୁଞ୍ଜିନିବେଶ ଓ ଶିଳ୍ପାୟନ କ୍ଷେତ୍ରରେ ଜାପାନ ଅଧିକ ସହଯୋଗ କରିବ; କହିଲେ ମୁଖ୍ୟମନ୍ତ୍ରୀ
- ଯୁକ୍ତଦୁଇ ପରୀକ୍ଷା ଫଳରେ ୮୫ ଦଶମିକ ୮/୫ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ
- ରାଜ୍ୟରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ
- ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ବନକଲାଗି ନୀତି
- 'ମଣିଷ ଓ ପୃଥିବୀ ପାଇଁ ମହୁମାଛି ସହିତ ଏକାଠି'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ମହୁମାଛି ଦିବସ'

ଏବଂ

- ଚଳିତ ସପ୍ତାହ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ଅନୁମାନ

# ମୁଖ୍ୟମନ୍ତ୍ରୀ-ଜାପାନ

କୋଲକାତାରେ ଅବସ୍ଥାପିତ ଜାପାନର ଉଚ୍ଚାୟୁକ୍ତ ଇସିକାୱା ୟୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଜାପାନ ଓ ଓଡ଼ିଶା ମଧ୍ୟରେ  ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଛନ୍ତି। ରାଜ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଜାପାନର ସହଯୋଗ ଓ ସମ୍ପ୍ରସାରିତ ହେଉଥିବା ବାଣିଜ୍ୟିକ ସମ୍ପର୍କକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଓଡ଼ିଶାରେ ପୁଞ୍ଜିନିବେଶ ଓ ଶିଳ୍ପାୟନ ପ୍ରୟାସରେ ଜାପାନ ନିଜର ଅଂଶଗ୍ରହଣକୁ ଆହୁରି ବୃଦ୍ଧି କରିବ ବୋଲି ଶ୍ରୀ ମାଝୀ କହିଛନ୍ତି। ଆଲୋଚନା ସମୟରେ ରାଜ୍ୟର ବୌଦ୍ଧ ସର୍କିଟ୍ ଏବଂ ଅନ୍ୟାନ୍ୟ ପ୍ରାକୃତିକ ପର୍ଯ୍ୟଟନସ୍ଥଳିଗୁଡ଼ିକର ଜାପାନ ସହ ପର୍ଯ୍ୟଟନ ବ୍ୟବସାୟର ବିକାଶ ପାଇଁ ମୁଖ୍ୟ ମାଧ୍ୟମ ହେବ ବୋଲି ବୈଠକରୁ ଜଣାପଡିଛି। ରାଜ୍ୟର ଯୁବକ-ଯୁବତୀମାନଙ୍କୁ ଜାପାନରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଜାପାନର କେତେକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଓଡ଼ିଶା ଆସିବେ ବୋଲି ଜଣାପଡିଛି। ଜାପାନର ତୋତ୍ତୋରୀ ରାଜ୍ୟ ଏବଂ ଓଡ଼ିଶାର ଉଚ୍ଚସ୍ତରୀୟ ପ୍ରତିନିଧିଦଳ ଗସ୍ତ କରି କଳା, ସଂସ୍କୃତି, ଇତିହାସ ଏବଂ ଐତିହ୍ୟ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ପାରସ୍ପରିକ ସୁସମ୍ପର୍କ ସ୍ଥାପନ କରିବେ।

# ଏସ୍ଆଇଆର

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେଇଛି। ଗତ ମଧ୍ୟରାତ୍ରୀରୁ ପୁରୁଣା ଭୋଟର ତାଲିକାକୁ ରଦ୍ଦ କରାଯାଇଛି। ଆଜିଠାରୁ ପରିଗଣନା ଫର୍ମ ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟର ୩ କୋଟି ୪୦ ଲକ୍ଷରୁ ଅଧିକ ଭୋଟରଙ୍କ ପାଇଁ ସମାନ ସଂଖ୍ୟକ

ପରିଗଣନା ବା ଏନୁମରେସନ ଫର୍ମ ମୁଦ୍ରଣ କାର୍ଯ୍ୟ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର କହିଛନ୍ତି। ଏହି ଫର୍ମ ମୁଦ୍ରଣ ହେବା ପରେ ଚଳିତ ମାସ ୩୦ ତାରିଖରୁ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ପ୍ରତ୍ୟେକ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ। ଆବଶ୍ୟକସ୍ଥଳେ ସମ୍ପୃକ୍ତ ଭୋଟରଙ୍କ ଅନୁପସ୍ଥିତିରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ସର୍ବାଧିକ ୩ ଥର ଭୋଟରମାନଙ୍କ ନିକଟକୁ ଯିବେ। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପରିଗଣନା ଫର୍ମଗୁଡ଼ିକର ମୁଦ୍ରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଗଣନା ଫର୍ମ ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଏହି ଫର୍ମରେ ଭୋଟରଙ୍କ ଫଟୋ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି।  ଏ ନେଇ ଶ୍ରୀ ମିଶ୍ର କହନ୍ତି-

## - V/O –
## ବନକଲାଗି

ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ। ବନକଲାଗି ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜନଜାତୀୟ ଉତ୍ସବ

ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ

‘ଜନଜାତୀୟ ଗରିମା ଉତ୍ସବ-୨୦୨୬ ଜନଭାଗିଦାରୀ-ସବୁଠୁ ଦୂର-ସର୍ବପ୍ରଥମ ଅଭିଯାନ’ର ଦ୍ୱିତୀୟ ଦିନରେ ଆଜି ସୁବର୍ଣ୍ଣପୁର ଜିଲ୍ଲାର ୩ଟି ଅନୁସୂଚିତ ଜନଜାତି ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗ୍ରାମଗୁଡ଼ିକର ସର୍ବାଙ୍ଗିନ ଉନ୍ନତି ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନେ ସମ୍ପୃକ୍ତ ବିଭାଗର ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଛନ୍ତି। ବୀରମହାରାଜପୁର ବ୍ଲକ୍‌ର କୁଞ୍ଜାପାଲ୍ଲୀ, ଉଲୁଣ୍ଡା ବ୍ଲକ୍‌ର ବ୍ରାହ୍ମଣୀପାଲ୍ଲୀ ଏବଂ ବିନିକା ବ୍ଲକ୍‌ର ଆଖିଦାଦର ଗ୍ରାମରେ ସ୍ୱାସ୍ଥ୍ୟ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଛି।

## ବିଶ୍ୱ ମହୁମାଛି ଦିବସ

ପୃଥିବୀକୁ ସୁସ୍ଥ ରଖିବାରେ ମହୁମାଛିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସେମାନେ ସମ୍ମୁଖୀନ ହେଉଥିବା ଅନେକ ଆହ୍ୱାନର ମୁକାବିଲା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମହୁମାଛି ଦିବସ ପାଳନ କରାଯାଉଛି। ପରାଗ ରେଣୁ ବହନକାରୀ ଭାବରେ ମହୁମାଛିର ମହତ୍ତ୍ୱ, ସମାଜରେ ସନ୍ତୁଳନ ରକ୍ଷାକାରୀ ଭାବେ ସଚେତନତା ଜାଗ୍ରତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ସାଧାରଣ ସଭା ପକ୍ଷରୁ ୨୦୧୮ ମସିହାଠାରୁ ଆଜିର ଦିନକୁ ବିଶ୍ୱ ମହୁମାଛି ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ମହୁମାଛି ସହିତ ଏକାଠି, ଲୋକଙ୍କ ପାଇଁ ଓ ପୃଥିବୀ ପାଇଁ - ଏହି ସହଭାଗିତା ଆମ ସମସ୍ତଙ୍କୁ ବଂଚାଇ ରଖେ’। ମନୁଷ୍ୟ ଓ ପରିବେଶର ମଙ୍ଗଳ ପାଇଁ ହଜାର ହଜାର ବର୍ଷ ଧରି ମହୁମାଛି ଚାଷର ପାରମ୍ପରିକ ଜ୍ଞାନ ସହିତ ଆଧୁନିକ ପ୍ରଯୁକ୍ତିର ମିଶ୍ରଣ ଦ୍ୱାରା ଉଭୟ

ମହୁମାଛି ଓ ମଣିଷ ଲାଭବାନ୍ ହୋଇପାରିବେ ବୋଲି ଚଳିତବର୍ଷ ବାର୍ତ୍ତା ଦେଇଛି। ସ୍ଥାୟୀ ମହୁମାଛି ପାଳନ, ଖାଦ୍ୟ ସୁରକ୍ଷା ଏବଂ ପରିବେଶ ପରିସଂସ୍ଥାନରେ ଏହି ପରାଗମାନଙ୍କ ଅତ୍ୟାବଶ୍ୟକ ଭୂମିକା ଉପରେ ପରିବେଶବିତ୍‌ମାନେ ଗୁରୁତ୍ୱାରୋପ କରିଥାନ୍ତି।

## ଧାନ ସଂଗ୍ରହ

**ବୌଦ୍ଧ** ଜିଲ୍ଲାରେ ଖରିଫ୍ ବିପଣନ ବର୍ଷ ୨୦୨୫-୨୬ ପାଇଁ ରବି ଧାନ ସଂଗ୍ରହ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଆଜି ଅନୁଷ୍ଠିତ ହୋଇଛି। ବୈଠକରେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ଚାଷୀମାନଙ୍କ ସୁବିଧା ଓ ଧାନସଂଗ୍ରହକୁ ସୁବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ରବି ଋତୁ ପାଇଁ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୮୮ ହଜାର ୯୫୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୮ ହଜାର ୨୯୦ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ୨୪ଟି ପ୍ୟାକ୍ସ ଏଥିରେ ଅଂଶଗ୍ରହଣ କରିବେ। ୧୩ ଟି ମିଲ୍ ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ ହୋଇଥିବା ଜଣାପଡିଛି।

## ଉନ୍ନୟନ କମିଟି ବୈଠକ

**ଢେଙ୍କାନାଳ** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଢେଙ୍କାନାଳ ସଦର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରି ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଦିଗରେ ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଏହି ଅବସରରେ ପାନୀୟ ଜଳ ସମସ୍ୟାର

ସମାଧାନ ଦିଗରେ କେଉଁ ପ୍ରକାର ପଦକ୍ଷେପ ନିଆଯାଉଛି; ସେ ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ପଂଚାୟତିରାଜ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗ୍ରାମ୍ୟ ଉନ୍ନୟନ, ସଡକ ଓ ଗୃହନିର୍ମାଣ, ସ୍ୱାସ୍ଥ୍ୟ, କୃଷି ଓ କୃଷକ କଲ୍ୟାଣ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ

**ଗଞ୍ଜାମ** ଜିଲ୍ଲାକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଆରମ୍ଭ ହୋଇଛି। ଅଭିଯାନର ଲକ୍ଷ୍ୟ ହେଉଛି ଗଞ୍ଜାମ ଜିଲ୍ଲାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା। ସ୍ୱଚ୍ଛ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ନେଇ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଫିଙ୍ଗିବାକୁ ବାରଣ କରାଯିବା ସହିତ କପଡା ତିଆରି ବ୍ୟାଗ୍ ବ୍ୟବହାର ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ସିଏମ୍ ଟ୍ରଫି

**ରାୟଗଡ଼ା** ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ସିଏମ୍ ଟ୍ରଫି-୨୦୨୬ ଓଡ଼ିଶା କ୍ରୀଡା ମହାକୁମ୍ଭ ପ୍ରତିଭା ଅନେକ, ଲକ୍ଷ୍ୟ ଏକ-ପଡିଆରୁ ପୋଡିୟମ୍'ର ଆନ୍ତଃଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପିଏମ୍ଶ୍ରୀ ଜିସିଡି ଉଚ୍ଚବିଦ୍ୟାଳୟଠାରେ ସମ୍ପନ୍ନ ହୋଇଛି। ଫୁଟବଲ ବାଳିକା ବିଭାଗରେ ମା' ମାଝୀଗୌରୀ ଏଫ୍‌ସି, ବାଳକ ବିଭାଗରେ ଏମ୍‌ଏମ୍‌ଜି ଏଫ୍‌ସି ଚାମ୍ପିଅନ୍

ହୋଇଥିବାବେଳେ କବାଡି ବାଳକ ବିଭାଗରେ ବିଜାପୁର ଓ ବାଳିକା ବିଭାଗରେ ପାହାଡିଆନ୍ ଦଳ ଚାମ୍ପିଅନ୍ ହୋଇଛନ୍ତି। ଖୋଖୋ ବାଳକ ବିଭାଗରେ ଗୋପବନ୍ଧୁ ଟିମ୍, ବାଳିକା ବିଭାଗରେ ମା’ ମାଝୀଗୌରୀ ଟିମ୍ ଏବଂ ଭଲିବଲ୍ ପ୍ରତିଯୋଗିତାର ଉଭୟ ବାଳକ ଓ ବାଳିକା ବିଭାଗରେ ହାଲୁଆ ଏଚଏସ୍ ବିଜେତା ହୋଇଛନ୍ତି। ବିଜେତା ଓ ଉପବିଜେତାଙ୍କୁ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଉତ୍ସବରେ ଯୋଗଦେଇ ଯୁବ କ୍ରୀଡା ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଛନ୍ତି।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ରାଜ୍ୟର ପଶ୍ଚିମ ଭାଗରେ ଗ୍ରୀଷ୍ମପ୍ରବାହର ପ୍ରକୋପ ଅଧିକ ରହୁଛି। ଉପକୂଳ ଓ ଆଭ୍ୟନ୍ତରୀଣ ଅଂଚଳଗୁଡ଼ିକରେ ଗ୍ରୀଷ୍ମପ୍ରବାହ ସହିତ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଚଳିତ ସପ୍ତାହ ଶେଷ ସୁଦ୍ଧା ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ।